
# ସତ୍ୟବାକ୍ୟ



# THE WORD OF TRUTH

**MAR - APR 2020**

An Oriya Bimonthly Bulletin published by the

**CHURCH OF CHRIST**

# ସତ୍ୟବାଣୀ

# VOICE OF TRUTH ୨୦୨୦

VOL - XXV KAKINADA MAR-APR-20


## ଯୁବାବସ୍ଥାରେ ପରମେଶ୍ୱରଙ୍କ ଅନ୍ୱେଷଣକାରୀ ଯୋଶୀୟ
## (Josia, He Sought God in this Youth)

"ଯୋଶୀୟ" ନାମର ଅର୍ଥ ଯିହୋବା ସାହାଯ୍ୟକାରୀ । ତାହାଙ୍କ ପିତା ଅମୋନ୍ ଏକ କୁକର୍ମକାରୀ ରାଜା ଥିଲେ । ସେ ସଦାପ୍ରଭୁଙ୍କ ଦୃଷ୍ଟିରେ କୁକର୍ମ କରି ଶାପଗ୍ରସ୍ଥ ହୋଇଥିଲେ । ସେ ଆପଣା ପିତାଙ୍କ ସଦୃଶ୍ୟ ଅନ୍ୟ ଦେବତାମାନଙ୍କୁ ସେବା କରୁଥିଲେ । ସେ ସଦାପ୍ରଭୁଙ୍କ ପଥରେ ନଚାଲି, ପଥଭ୍ରଷ୍ଟ ହୋଇଥିଲେ । ତାହାଙ୍କ ଦାସମାନେ ତାହାଙ୍କ ବିରୁଦ୍ଧରେ ଚକ୍ରାନ୍ତ କରି ତାହାଙ୍କୁ ତାହାଙ୍କ ନିଜ ଗୃହରେ ବଧ କରିଥିଲେ । (ଦ୍ୱିତୀୟ ରାଜାବଳି ୨୧:୧୯-୨୩) । ତାହାଙ୍କ ପିତାମହ ମନଃଶି ଅତ୍ୟନ୍ତ ଦୁଷ୍ଟ ରାଜା ଥିଲେ ।

ଯୋଶୀୟଙ୍କ ରାଜୁତି କାଳରେ ଯିରିମିୟ, ସିଫନିୟ, ନାଥନ୍ ଓ ହବ୍‌କୁକ୍ ଭାବବାଦୀମାନେ ପ୍ରଜାମାନଙ୍କ ମଧ୍ୟରେ ପରିଚର୍ଯ୍ୟା କରିଥିଲେ । ସେ ଯିହୂଦାର ଷଷ୍ଠଦଶ ରାଜା ଥିଲେ ଓ ଯିହୂଦା ଦେଶକୁ ଏକବିଂଶ ବର୍ଷ ରାଜତ୍ୱ କରିଥିଲେ ।

ସର୍ବପ୍ରଥମେ ତାହାଙ୍କ ଜୀବନ ଶୈଳୀ ବିଷୟରେ ବାଇବଲ କଅଣ କହେ ? ଦ୍ୱିତୀୟ ବଂଶାବଳୀ ୩୪:୧ରେ ଲେଖାଯାଏ, "ଯୋଶୀୟ ରାଜ୍ୟ କରିବାକୁ ଆରମ୍ଭ କରିବା ସମୟରେ ଆଠ ବର୍ଷବୟସ୍କ ଥିଲେ, ଆଉ ସେ ଏକତିରିଶ ବର୍ଷ ରାଜ୍ୟ କଲେ ।" ଦ୍ୱିତୀୟ ପଦରେ କୁହାଯାଏ, "ପୁଣି, ସେ ସଦାପ୍ରଭୁଙ୍କ ଦୃଷ୍ଟିରେ ଯଥାର୍ଥ କର୍ମକଲେ ଓ ଆପଣା ପୂର୍ବପୁରୁଷ ଦାଉଦଙ୍କର ପଥରେ ଚାଲିଲେ, ଆଉ ଦକ୍ଷିଣରେ କି ବାମରେ ଫେରିଲେ ନାହିଁ ।" ଜ୍ଞାନୀ ଶଲୋମନ ଲେଖନ୍ତି, "ଆଉ, ତୁମ୍ଭେ ଯୌବନ କାଳରେ ଆପଣା ସୃଷ୍ଟିକର୍ତ୍ତାଙ୍କୁ ସ୍ମରଣ କର... ।" (ହିତ ୧୨:୧) ।

ତାହଙ୍କ ରାଜତ୍ୱର ଷଷ୍ଠାଦଶ ବର୍ଷ ବୟସରେ ପରମେଶ୍ୱରଙ୍କ ଅନ୍ୱେଷଣ କରିବାକୁ ଆରମ୍ଭ କଲେ । "ତାହାଙ୍କ ଅଧିକାରର ଅଷ୍ଟମ ବର୍ଷରେ ସେ ଅଳ୍ପବୟସ୍କ ଆଉ ଆପଣା

ଆପଣା ପିତୃପୁରୁଷ ଦାଉଦଙ୍କର ପରମେଶ୍ୱରଙ୍କ ଅନ୍ୱେଷଣ କରିବାକୁ ଆରମ୍ଭ କଲେ ଓ ଦ୍ୱାଦଶ ବର୍ଷରେ ଉଚ୍ଚସ୍ଥଳୀ ଓ ଆଶେରାମୂର୍ତ୍ତି ଓ ଖୋଦିତ ପ୍ରତିମା ଓ ଛାଞ୍ଚରେ ଢ଼ଳା ପ୍ରତିମାରୁ ଯିହୂଦା ଓ ଯିରୁଶାଲମକୁ ଶୁଚି କରିବାକୁ ଲାଗିଲେ । ପୁଣି, ଲୋକମାନେ ତାଙ୍କ ସାକ୍ଷାତରେ ବାଲଦେବଗଣର ଯଜ୍ଞବେଦି ସବୁ ଭାଙ୍ଗି ପକାଇଲେ, ଆଉ ସେ ତହିଁ ଉପରେ ସ୍ଥାପିତ ସୂର୍ଯ୍ୟ - ପ୍ରତିମା ସବୁ କାଟି ପକାଇଲେ ଓ ଆଶେରାମୂର୍ତ୍ତି, ଖୋଦିତ - ପ୍ରତିମା ଓ ଛାଞ୍ଚରେ ଢ଼ଳା ପ୍ରତିମା ସବୁ ଭାଙ୍ଗି ଚୂର୍ଣ୍ଣକରି ସେ ସବୁର ଉଦ୍ଦେଶ୍ୟରେ ବଳିଦାନକାରୀ ଲୋକମାନଙ୍କ କବର ଉପରେ ତାହା ବିଞ୍ଚିଲେ । ଆଉ, ସେମାନଙ୍କ ଯଜ୍ଞବେଦି ଉପରେ ଯାଜକମାନଙ୍କ ଅସ୍ଥି ଦଗ୍ଧ କରି ଯିହୂଦା ଓ ଯିରୁଶାଲମକୁ ଶୁଚି କଲେ । ସେ ମନଃଶି ଅଫ୍ରୟିମ ଓ ଶମିୟୋନର ନଗର ସମୂହରେ ନପ୍ତାଲି ପର୍ଯ୍ୟନ୍ତ କାନ୍ଥଡାର ଚତୁର୍ଦ୍ଦିଗରେ ଏହି ପ୍ରକାର କଲେ ।" (ଦ୍ୱି:ବଂ: ୩୪:୩-୫) ।

ରାଜା ଯୋଶୀୟଙ୍କ ପୁନଃଉଦ୍ଧାରଣ କାର୍ଯ୍ୟକ୍ରମ ମନଃଶି ଓ ଇଫ୍ରିୟମ ଓ ଶିମୀୟୋନ ସମୂହରେ ନପ୍ତାଲି ପର୍ଯ୍ୟନ୍ତ ବ୍ୟାପି ଥିଲା । (୬୦ମ ପଦ) ମୁଁ ତାହାଙ୍କୁ ମହାନ ବ୍ୟକ୍ତିତ୍ୱ ଦାନିୟଲ, ଯୋସେଫ୍ ଓ ଅଗ୍ନିରେ ନିକ୍ଷେପିତ ତିନୋଟି ଯୁବକ ସମତୁଲ୍ୟ ମନେ କରେ । ଦ୍ୱିତୀୟରେ : ଛବିଶି ବର୍ଷ ବୟସ୍କ ରାଜା ଯୋଶୀୟ ସଦାପ୍ରଭୁ ଆପଣା ପରମେଶ୍ୱରଙ୍କ ଗୃହର ଜୀର୍ଣ୍ଣ ସଂସ୍କାର ନିମନ୍ତେ ଅତଲୀୟର ପୁତ୍ର ଶାଫନ୍‌କୁ ଓ ନଗରାଧକ୍ଷ ମାସେୟକୁ ଓ ଯୋୟାହକର ପୁତ୍ର ଯୋହାହ ଇତିହାସ - ଲେଖିକଙ୍କୁ ପଠାଇଲେ । ସଦାପ୍ରଭୁଙ୍କ ଗୃହରେ ଦୁଃସ୍ଥିତି କେତେ ଦୁଃଖକର ବିଷୟ । ଆଜିର ଜଗତରେ ସଦାପ୍ରଭୁଙ୍କ ଗୃହର ପରିସ୍ଥିତି କିପରି ଅଛି । ଖ୍ରୀଷ୍ଟଙ୍କ ମଣ୍ଡଳୀହିଁ ତାହାଙ୍କ ମନ୍ଦିର ଅଟେ । (୧୦ମ ତୀମଥି ୩:୧୫) ।

ଭାବବାଦୀ ହାଗୟ ଆପଣା ପ୍ରଜାମାନଙ୍କୁ କହିଥିଲେ, "ଏହି ଗୃହ ଉତ୍ସନ୍ନ ଅବସ୍ଥାରେ ଥାଉ ଥାଉ ତୁମ୍ଭମାନଙ୍କର ଫଳକମଣ୍ଡିତ ଗୃହରେ ବାସ କରିବାର କି ସମୟ ଏହି ? (ହାଗୟ ୧:୪)" । ଆମ୍ଭମାନଙ୍କ ମଧ୍ୟରେ ଅନେକ ମଣ୍ଡଳୀ ଶିଥିଳ ଅବସ୍ଥାରେ ଅଛି । ଆମ୍ଭେମାନେ କି ପରମେଶ୍ୱରଙ୍କ ଠାରୁ ଅଧିକତର ଭାବେ ଆପଣା ଆପଣା ଗୃହ ବିଷୟରେ ଆସକ୍ତ ଅଟୁଁ ? ନିଶ୍ଚିତଭାବେ । ଆମ୍ଭମାନଙ୍କ ଆପଣା ଆପଣା ଗୃହର ବିଷୟରେ ଅତି ଆସକ୍ତି ରହି ସଦାପ୍ରଭୁଙ୍କ ଗୃହ ବିଷୟରେ ଅବହେଳା କରୁଅଛୁ । ଏବ୍ରୀ ପୁସ୍ତକକର୍ତ୍ତା ଲେଖନ୍ତି, "ତେବେ ଏପରି ମହା ପରିତ୍ରାଣ ଅବହେଳା କଲେ ଆମ୍ଭେମାନେ କିପରି ରକ୍ଷା ପାଇବା ?...।" ଅବହେଳାର ପ୍ରତିଫଳ ଉନ୍ନତି ନୁହେଁ ବରଂ ଅବନ୍ନତି । ଆଶୀର୍ବାଦ ନୁହେଁ, ଅଭିଶାପ ।

ସଦାପ୍ରଭୁଙ୍କ ଗୃହ ଶୀଥିଳବସ୍ଥାରେ ରହିବା ଦୁଃଖକର ବିଷୟ । କିନ୍ତୁ ତା'ଠାରୁ ଦୁଃଖକର ବିଷୟ ହେଲା :- ମୋଶାଙ୍କ ଦ୍ୱାରା ସଦାପ୍ରଭୁଙ୍କ ଦତ୍ତ ବ୍ୟବସ୍ଥା ହଜିଯିବା । (ଦ୍ୱି.ବଂ. ୩୪:୧୪) । ହିଲକୀୟ ଯାଜକ ମୋଶାଙ୍କ ଦତ୍ତ ବ୍ୟବସ୍ଥା ପୁସ୍ତକ ମନ୍ଦିରେ ସନ୍ଧାନ ପାଇଥିଲେ । ସଦାପ୍ରଭୁଙ୍କ ଜୀବନ୍ତ ବାକ୍ୟ, ସଦାପ୍ରଭୁଙ୍କ ମନ୍ଦିରରେ ହଜିଯିବା ବିଷୟରେ ଭାବିଦେଖ । କେତେକ ବିଶ୍ଳେଷକମାନେ ଯାଜକ ମୋଶାଙ୍କ ଲିଖିତ ପୁସ୍ତକ ପାଞ୍ଚଟି ପୁସ୍ତକ ସନ୍ଧାନ ପାଇଥିଲେ ବୋଲି ମନେ କରନ୍ତି । ଅନ୍ୟବର୍ଗର ଲୋକେ ତାହା ଦ୍ୱିତୀୟ ବିବରଣର ପୁସ୍ତକ ପାଇଥିଲେ ବୋଲି ମନେ କରନ୍ତି । ପ୍ରେରିତମାନଙ୍କ ପୁସ୍ତକର ବିବରଣରେ "ଅଜ୍ଞାତ ଦେବତା" ବିଷୟରେ ପାଉଲ ଉଲ୍ଲେଖ କରନ୍ତି । ଏହି ବର୍ତ୍ତମାନ ଯୁଗରେ ଅନେକ ନିମନ୍ତେ ସତ୍ୟ ମଣ୍ଡଳୀ "ଅଜ୍ଞାତ" ଅଟେ । କିନ୍ତୁ ଯୋଶୀୟ ରାଜାଙ୍କ ରାଜୁତି ସମୟରେ ସଦାପ୍ରଭୁ ଜୀବନ୍ତ ବାକ୍ୟ ଅଜଣାତ ଥିଲା । ଆତ୍ମିକ ପତନ ଆମ୍ଭମାନଙ୍କୁ ପରମେଶ୍ୱରଙ୍କ ଠାରୁ ଧିରେ ଧିରେ ଅନେକ ଦୂର ନେଇଥାଏ ।

ପରମେଶ୍ୱରଙ୍କ ପୁସ୍ତକ କି ଆମ୍ଭମାନଙ୍କ ନିମନ୍ତେ 'ଅଜ୍ଞାତ' ଅଟେ ? ଆମ୍ଭେମାନେ କି ତାହା ପ୍ରତିଦିନ ଧ୍ୟାନ କରୁଅଛୁ ? ପୁସ୍ତକରେ ଲିଖିତ ବାକ୍ୟ ଗୁଡିକୁ କି ଆମ୍ଭେମାନେ କି ଅନୁସରଣ କରୁଅଛୁ ? ବାଇବଲର ବାକ୍ୟ ପ୍ରଚାର କରିବା ଠାରୁ ଅଧିକଭାବେ ତାହା ପାଳନକାରୀ ବ୍ୟକ୍ତିମାନଙ୍କର ଏହି ଜଗତ ଆବଶ୍ୟାକ କରେ । ଅନେକେ, ବାଇବଲ ବିନୁ ମଣ୍ଡଳୀ ଉପାସସନାରେ ଯୋଗ ଦିଅନ୍ତି । ଅନେକେ ବାଇବଲ ବାକ୍ୟ ଧ୍ୟାନ କରନ୍ତି ନାହିଁ, କାରଣ ସେମାନଙ୍କ ଦୃଷ୍ଟିରେ ବାଇବଲର ବାକ୍ୟ ଜାଗତିକ ସମାଚାର ସଦୃଶ୍ୟ ଆସକ୍ତି କାରକ ନୁହେଁ । ସତ୍ୟ ସୁସମାଚାରର ସ୍ଥାନ ଆଉ କୌଣସି ବିଷୟ ନେଇ ନପାରେ । (ରୋମୀୟ ୧:୧୬, ୧ମ କରିନ୍ଥୀ ୧:୧୮) ।

ଶାଫନ ଶାସ୍ତ୍ରୀ ରାଜା ଯୋଶୀୟଙ୍କ ବ୍ୟବସ୍ଥା ବାକ୍ୟ ଶ୍ରବଣ କରନ୍ତେ, "ସେ ଆପଣା ବସ୍ତ୍ର ଚିରିଲେ । ସେ ଉଦ୍‌ବିଗ୍ନ ହୋଇ ହିଲକୀୟ, ଆହୀକାମ ଓ ଅବ୍‌ଦୋନ, ଶାଫନ ଲେଖକ ଓ ଆପଣା ଦାସ ଅସାୟକୁ ସଦାପ୍ରଭୁଙ୍କ ବାକ୍ୟ ବିଷୟରେ ପଚାରିବାକୁ ପଠାଇଲେ । (୩୪:୨୦-୨୧) । ଏହି ବ୍ୟକ୍ତିମାନେ ପ୍ରଥମେ ସିଫନୀୟ ଭାବବାଦୀ ନିକଟକୁ ଗଲେ । ସେ ସମୟରେ ସିଫନୀୟ ଇହଲୋକୁ ପ୍ରସ୍ଥାନ କରିଥିବେ ବୋଲି ଅନେକଙ୍କ ମତ । ଅନାତଥିରେ ଯିରିମିୟ ଭାବବାଦୀ ଥିବାରୁ, ସେମାନେ ତାହାଙ୍କ ନିକଟକୁ ଯାଇ ନଥିଲେ । ଯିରୁଶାଲମର ଦ୍ୱିତୀୟ ଭାଗରେ ବସ୍ତ୍ରାଗାର ରକ୍ଷକର ଭାର୍ଯ୍ୟା ହୁଲଦା ଭବିଷ୍ୟଦ୍‌ବକ୍ତ୍ରୀ ନିକଟକୁ ଯାଇଥିଲେ । (ଦ୍ୱି.ବଂ. ୩୪:୨୨) । ଅନ୍ୟ ଦେବତାମାନଙ୍କୁ ପୂଜା କରିଥିବା ଇଶ୍ରାଏଲ ଜାତି ଉପରେ ସୈନ୍ୟାଧିପତି ସଦାପ୍ରଭୁ ଅମଙ୍ଗଳ ଘଟାଇବେ

ବୋଲି ସେ ଭାବବାଦୀ ପ୍ରକଟ କରିଥିଲେ । "ସଦାପ୍ରଭୁ ଏହି କଥା କହନ୍ତି, ଦେଖ, ଆମ୍ଭେ ଏହି ସ୍ଥାନ ଉପରେ ଓ ତନ୍ନିବାସୀମାନଙ୍କ ଉପରେ ଅମଙ୍ଗଳ, ଅର୍ଥାତ୍ ସେମାନେ ଯିହୂଦାର ରାଜା ସାକ୍ଷାତରେ ଯେଉଁ ପୁସ୍ତକ ପାଠ କରି ଅଛନ୍ତି, ତହିଁରେ ଲିଖିତ ସକଳ ଅଭିଶାପ ଘଟାଇବା ।" (୨୪ମ ପଦ) କିନ୍ତୁ ରାଜା ବ୍ୟବସ୍ଥା ପୁସ୍ତକର ବାକ୍ୟ ଶୁଣିବା ମାତ୍ରେ ଆପଣାକୁ ନମ୍ର କରି, ବସ୍ତ୍ର ଚିରି ରୋଦନ କରିଥିବାରୁ ସଦାପ୍ରଭୁ ତାହାଙ୍କ ଜୀବନକାଳରେ ସେ ସବୁ ନ ଘଟାଇ, ତାହାଙ୍କ ମୃତ୍ୟୁପରେ ଘଟାଇଥିଲେ ।

ତୃତୀୟରେ, ଯୋଶୀୟ ରାଜା ସଦାପ୍ରଭୁଙ୍କ ଗୃହରେ ପ୍ରାପ୍ତ ବ୍ୟବସ୍ଥା ପୁସ୍ତକ ପ୍ରଜାମାନଙ୍କ କର୍ଣ୍ଣ ଗୋଚରରେ ପାଠ କଲେ । ଅନେକ ବିଶ୍ଳେଷକଙ୍କ ମତରେ, ତାହା "ଦ୍ୱିତୀୟ – ବିବରଣ"ର ପୁସ୍ତକ ଥିଲା । ଲେଖାଯଯାଏ, "ପୁଣି, ରାଜା ସଦାପ୍ରଭୁଙ୍କ ଗୃହକୁ ଗମନ କଲେ । ଆଉ ଯିହୂଦାର ସମସ୍ତ ଲୋକ ଓ ଯିରିଶାଲମ ନିବାସୀମାନେ ଓ ଯାଜକମାନେ ଓ ଲେବୀମାନେ ଓ ବଡ ସାନ ସମସ୍ତେ ଲୋକ ଗମନ କଲେ, ତହୁଁ ସେ ସଦାପ୍ରଭୁଙ୍କ ଗୃହରେ ପ୍ରାପ୍ତ ନିୟମ ପୁସ୍ତକର ସମସ୍ତ ବାକ୍ୟ ସେମାନଙ୍କ କର୍ଣ୍ଣଗୋଚରରେ ପାଠ କଲେ । ପୁଣି ରାଜା ଆପଣା ସ୍ଥାନରେ ଠିଆ ହୋଇ ସଦାପ୍ରଭୁଙ୍କର ଅନୁଗାମୀ ହେବାକୁ ଓ ଆପଣାର ସମସ୍ତ ଅନ୍ତଃକରଣ ଓ ସମସ୍ତ ପ୍ରାଣ କରିବାକୁ ସଦାପ୍ରଭୁଙ୍କ ସାକ୍ଷାତରେ ନିୟମ କଲେ ।" (ଦ୍ୱି.ବଂ. ୩୪:୩୧) । ସେ ଓ ତାହାଙ୍କ ପ୍ରଜାମାନେ ପୂର୍ଣ୍ଣ ହୃଦୟରେ ପୂର୍ଣ୍ଣ ବିବେକ ଓ ପୂର୍ଣ୍ଣ ଆତ୍ମା ସହ ସଦାପ୍ରଭୁ ପରମେଶ୍ୱରଙ୍କ ଅନୁସରଣ କରିବାକୁ ପ୍ରତିଜ୍ଞା କରିଥିଲେ । ତାହାଙ୍କ ଆଜୀବନ ସେମାନେ ସେହି ପ୍ରତିଜ୍ଞାରୁ ବିଚଳିତ ନୋହିଲେ ।

ରାଜା ଯୋଶୀୟଙ୍କ ଜୀବନର କାହାଣୀ ତାହାଙ୍କ ମୃତ୍ୟୁରେ ଶେଷ ହୋଇଅଛି । (୨ ଦ୍ୱି.ବଂ. ୩୫:୨୦-୨୪) । ବାକ୍ୟ କହେ, ମିସର ରାଜା ନଖୋ, ଫରାତ୍ ନଦୀ ନିକଟସ୍ଥ କର୍କମୀଶ ବିରୁଦ୍ଧରେ ଯୁଦ୍ଧ କରୁଥିବା ସମୟରେ ଯୋଶୀୟ ତାହାଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ନିମନ୍ତେ ଯୁଦ୍ଧ ପ୍ରାଙ୍ଗଣରେ ଉପସ୍ଥିତ ହେଲେ, କିନ୍ତୁ ନଖୋ ତାହାଙ୍କୁ ଯୁଦ୍ଧ କରିବାକୁ ନିବାରଣ କଲେ । କିନ୍ତୁ ରାଜା ଯୋଶୀୟ ଛଦ୍ମବେଶ ଧାରଣ କରି, ପରମେଶ୍ୱରଙ୍କ ମୁଖନିର୍ଗତ ନଖୋର ବାକ୍ୟରେ ମନୋଯୋଗ କରି ତାହାଙ୍କ ସହିତ ଯୁଦ୍ଧ କରିବା ନିମନ୍ତେ କରିବା ନିମନ୍ତେ ପ୍ରସ୍ତୁତ ହେଲେ । କିନ୍ତୁ ମଗିଦ୍ଦୋ ଉପତ୍ୟାକାରେ ସେ ଧନୁର୍ଦ୍ଧରମାନଙ୍କ ତୀର ଦ୍ୱାରା ଆଘାତ ହୋଇ ମୃତ୍ୟୁବରଣ କଲେ । ସେ ଯିରୁଶାଲମକୁ ଘେନା ଯାଇ ଆପଣା ପିତୃଲୋକଙ୍କର କବରରେ କବର ପାଇଲେ । ତାହାଙ୍କ ମରଣରେ ଭାବବାଦୀ ଯିରିମିୟ ଓ ସମସ୍ତ ଯିହୂଦାବାସୀମାନେ ଶୋକ କରିଥିଲେ ।

ଯୋଶୀୟଙ୍କ ଜୀବନରୁ ଆମ୍ଭେମାନେ କଅଣ ଶିକ୍ଷା କରୁ ? ପିତା ମାତା, କିଅବା ପରିବାର ବର୍ଗ ପରମେଶ୍ୱରଙ୍କ ଅନୁସରଣ ନ କଲେ ମଧ୍ୟ ସେ ବାଲ୍ୟ ସମୟରୁ ପରମେଶ୍ୱରଙ୍କ ଠାରେ ଆସକ୍ତ ଥିଲେ । ପରମେଶ୍ୱରଙ୍କ ଘୃଣ୍ୟ ପ୍ରତିମାପୂଜା ବିନାଶ କରିଥିଲେ । ସେ ପରମେଶ୍ୱରଙ୍କ ଗୃହ ପୁନଃ ନିର୍ମାଣ କରି, ପରମେଶ୍ୱର ବ୍ୟବସ୍ଥା ପାଳନ କରିବାରେ ଆଗ୍ରହୀ ହୋଇଥିଲେ । ସେ ଏକ ପୁନଃଦ୍ଧାରଣକାରୀ ବ୍ୟକ୍ତି ଥିଲେ । ସେ ଆପଣା ସମସ୍ତ ହୃଦୟ, ସମସ୍ତ ପ୍ରାଣ, ସମସ୍ତ ଆତ୍ମା ସହ ପରମେଶ୍ୱରଙ୍କ ସେବା କରିଥିଲେ । ତାହାଙ୍କ ଜୀବନର ଶେଷ କାଳେ, ଆପଣା ମୂର୍ଖତା ଯୋଗୁଁ ହତ ହୋଇଥିଲେ ।

**- John Stacy**

❋❋❋

# ପରିତ୍ରାଣ ପ୍ରାପ୍ତ ହେବା ସମୟରେ ଶାଉଲ କେଉଁଠି ଥିଲେ ?

## (Where was Saul when he was saved)

ତାର୍ଷବାସୀ ଶାଉଲ ଯୀଶୁଖ୍ରୀଷ୍ଟଙ୍କ ଘୋର ବିରୋଧୀ ଓ ଶତ୍ରୁ ଥିଲେ । ସେ ଯିରୂଶାଲମସ୍ଥ ମଣ୍ଡଳୀକୁ ଅତ୍ୟନ୍ତ ତାଡନା କରି, ସେମାନଙ୍କୁ ଛିନ୍ନଭିନ୍ନ କରିଥିଲେ । (ପ୍ରେରିତ ୧:୪) । ସେ ସମାଜ ଗୃହରେ ଥରକୁ ଥର ଯିହୂଦୀମାନଙ୍କୁ ଶାସ୍ତି ଦେଇ, ଯୀଶୁଙ୍କୁ ନିନ୍ଦା କରିବା ନିମନ୍ତେ ବାଧ କରୁଥିଲେ । (ପ୍ରେରିତ ୨୬:୧୧) । "...ଶାଉଲ ଏ ପର୍ଯ୍ୟନ୍ତ ସୁଦ୍ଧା ପ୍ରଭୁଙ୍କ ଶିଷ୍ୟମାନଙ୍କ ବିରୁଦ୍ଧରେ ଭୟ ଓ ପ୍ରାଣନାଶର କଥା କହି ମହାଯାଜକଙ୍କ ନିକଟକୁ ଗଲେ । ପୁଣି, ଏହି ମାର୍ଗର ଯେକୌଣସି ପୁରୁଷ କି ସ୍ତ୍ରୀର ଦେଖା ପାଆନ୍ତି, ସେମାନଙ୍କୁ ଯେପରି ବାନ୍ଧି ଯିରୁଶାଲମକୁ ଆଣି ପାରନ୍ତି, ଏଥି ସକାଶେ ଦମ୍ମେସକର ସମସ୍ତ ସମାଜଗୃହ ନିକଟକୁ ତାଙ୍କଠାରୁ ପତ୍ର ମାଗିଲେ ।" (ପ୍ରେରିତ ୯:୧-୨) ।

ଦମ୍ମେସକର ସମାଜଗୃହରେ ସେ ଯୀଶୁଙ୍କ ବିରୁଦ୍ଧରେ ମନ୍ତ୍ରଣା କରିଥିଲେ ହେଁ, ସେ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ ପ୍ରାପ୍ତ ହୋଇ, "... ଯୀଶୁ ଯେ ଈଶ୍ୱରଙ୍କର ପୁତ୍ର, ଏହା ସେ ଅବିଳମ୍ୱରେ ସମାଜଗୃହରେ ଘୋଷଣା କରିବାକୁ ଲାଗିଲେ ।" (ପ୍ରେରିତ ୯:୨୦) ।

ଶାଉଲଙ୍କ ମନପରିବର୍ତ୍ତନର କାରଣ :- ଦମ୍ମେସକ ସଙ୍ଗରେ ଯୀଶୁଖ୍ରୀଷ୍ଟଙ୍କ ଦର୍ଶନ । ଆକସ୍ମାତ ଆକାଶରୁ ଆଲୋକ ତାଙ୍କ ଚାରିଆଡେ ଚମକି ଉଠିଲା, ସେ ଭୂମିରେ ପଡି ଯାଇ ତାଙ୍କ ପ୍ରତି ଉକ୍ତ ଏହି ବାଣୀ ଶୁଣିଲେ, "... ହେ ଶାଉଲ ହେ ଶାଉଲ, କାହିଁକି

ଆମ୍ଭକୁ ତାଡନା କରୁଅଛ ? ...ଆଉ ତୁମ୍ଭକୁ କ'ଣ କରିବାକୁ ହେବ, ତାହା କୁହାଯିବ ।" (ପ୍ରେରିତ ୯:୩-୬) । ଯୀଶୁଙ୍କ ଦର୍ଶନ ପରେ. ସେ ଦୃଷ୍ଟିହୀନ ହେଲେ । ତାହାଙ୍କ ସାଥି ଯାତ୍ରୀମାନଙ୍କ ସାହାଯ୍ୟରେ ସେ ଦମ୍ମେସକ ନଗରରେ ପ୍ରବେଶ କଲେ ! ତିନି ଦିନ ପର୍ଯ୍ୟନ୍ତ ଦୃଷ୍ଟିହୀନ ହୋଇ ରହିଲେ ।, ପୁଣି କିଛି ଖାଇଲେ ନାହିଁ କି ପିଇଲେ ନାହିଁ, କିନ୍ତୁ ପ୍ରାର୍ଥନାରେ ବିତାଇଲେ । (ପ୍ରେରିତ ୯:୩-୯.୧୧) । "ପ୍ରଧାନପାପୀ" (୧ମ ତୀମଥି ୧:୧୫-୦୧୬) । ଯୀଶୁଖ୍ରୀଷ୍ଟଙ୍କ ସନ୍ଧାନ ପାଇଁ, ପରିତ୍ରାଣ ପ୍ରାପ୍ତ ହୋଇଥିଲେ ।

ପରିତ୍ରାଣ ପ୍ରାପ୍ତ ହେବା ସମୟରେ ଶାଉଲ କେଉଁଠି ଥିଲେ ? ଦମ୍ମେସକ ସଙ୍ଗରେ, ପ୍ରଭୁ ଯୀଶୁଙ୍କ ଦର୍ଶନ ପାଇବା ସମୟରେ ସେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ବୋଲି, ଅନେକଙ୍କ ମନୋଭାବ । ଶାଉଲ, ଘୋଡାରୁ ପଡିଯିବା ସମୟରେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ବୋଲି କେତେକ ପ୍ରଚାରକମାନେ ପ୍ରଚାର କରନ୍ତି । କିନ୍ତୁ ବାସ୍ତବରେ ବାକ୍ୟରେ ଶାଉଲ ସେପରି ଭାବେ ଲିଖିତ ନାହଇଁ । କିନ୍ତୁ ତାହାଙ୍କ ସାଥିମାନେ ତାହାଙ୍କ ହାତ ଧରି, ଦମ୍ମେସକକୁ କଢ଼ାଇ ନେଇଥିଲେ ବୋଲି ପ୍ରେରିତ ୯:୮ ଓ ୨୨:୧୧ରେ ଉଲ୍ଲେଖ କରାଯାଏ । ଏହି ଘଟଣାରେ 'ଘୋଡା'ର ପାତ୍ର, କେବଳ ମାନବ କଳ୍ପିତ । ସେହିପରି ଭାବେ ଶାଉଲ ଦମେସ୍କକ ରାସ୍ତାରେ ପରିତ୍ରାଣ ପ୍ରାପ୍ତ ହୋଇଥିଲେ ବୋଲି ମନେ କରିବା ମଧ୍ୟ କାଳ୍ପନିକ ଅଟେ ।

ଦମ୍ମେସକ ନଗରରେ ପ୍ରବେଶ କରିବା ପରେ ଶାଉଲ ପରିତ୍ରାଣ ପ୍ରାପ୍ତ ହୋଇଥିଲେ, କିନ୍ତୁ ଯିବା ରାସ୍ତାରେ ନୁହେଁ । ଦୃଷ୍ଟିହୀନ ଶାଉଲ, ଦମେସ୍କକ ଏଖ ଗୃହରେ ତିନିଦିନ ନିବାସ କରିବା ପାଇଁ, ତାହାଙ୍କ ନିକଟକୁ ହନନୀୟ ନାମକ ଏକ ଖ୍ରୀଷ୍ଟିୟାନ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ପ୍ରେରିତ ହୋଇଥିଲେ । ସେ ତାହାଙ୍କୁ ସୁସ୍ଥକରି କହିଲେ, "ଆଉ ତୁମ୍ଭେ କାହିଁକି ବିଳମ୍ବ କରୁଅଛ ? ଉଠ, ବାପ୍ତିଜିତ ହୁଅ, ପୁଣି ତାହାଙ୍କ ନାମରେ ପ୍ରାର୍ଥନା କରି ଆପଣା ପାପସବୁ ଧୋଇ ପକାଅ ।" (ପ୍ରେରିତ ୧୬:୨୨) । ହନନୀୟ ତାହାଙ୍କ ସହିତ ସାକ୍ଷାତ କରିବା ସମୟରେ, କିଅବା ଦମେସ୍କକ ରାସ୍ତାରେ ସେ ପରିତ୍ରାଣ ପ୍ରାପ୍ତ ହୋଇ ନଥିଲେ । ହନନୀୟଙ୍କ କଥାରେ ସେ ବିଳମ୍ବ ନକରି, ବିଶ୍ୱାସ ସହ ବାପ୍ତିଜିତ ହୋଇ, ସୁସମାଚାରର ଆଜ୍ଞାବହ ହୋଇଥିଲେ । (ପ୍ରେରିତ ୯:୧୮) । ସେ ଖ୍ରୀଷ୍ଟଙ୍କଠାରେ ବାପ୍ତିଜିତ ହୋଇ, ଆପଣା ପାପସବୁ ଧୌତ ଧରିଥିଲେ । ଶାଉଲ ବିଶ୍ୱାସରେ ବାପ୍ତିଜିତ ହୋଇ, ପରମେଶ୍ୱରଙ୍କ କୃପା ଦ୍ୱାରା ପରିତ୍ରାଣ ହୋଇଥିଲେ ।

ଶାଉଲଙ୍କୁ ଦର୍ଶନ ଦେବା ସଦୃଶ୍ୟ, ଯୀଶୁଖ୍ରୀଷ୍ଟ ଅନୁଗ୍ରହର ଯୁଗରେ ମନୁଷ୍ୟମାନଙ୍କୁ ଦର୍ଶନ ଦେଉନାହାନ୍ତି । କିନ୍ତୁ ସେ ଯେପରିଭାବେ ପରିତ୍ରାଣ ହୋବା ସଦୃଶ୍ୟ ଆମ୍ଭେମାନେ

ବାପ୍ତିଜିତ ହୋଇ ପରିତ୍ରାଣ ପ୍ରାପ୍ତ ହୋଇଥାଉ । ଶାଉଲ, ପରିବର୍ତ୍ତିତ ହୋଇ ପାଉଲ ନାମରେ ଖ୍ୟାତ ହୋଇ ଅନେକ ଯିହୂଦୀ ତଥା ବିଜାତୀୟମାନଙ୍କୁ ପରିତ୍ରାଣ ପଥରେ କଢ଼ାଇ ଆଣିଥିଲେ ।

ପ୍ରେରିତ ପାଉଲଙ୍କ ଦ୍ୱାରା ଯୀଶୁଖ୍ରୀଷ୍ଟ ଆମ୍ଭେମାନେ କିପରିଭାବେ ପରିତ୍ରାଣ ପାଇପାରୁ, ଜଣାଇ ଦେଇଥିଲେ । (ରୋମୀୟ ୮:୧, ୨ କରିନ୍ଥୀ ୫:୧୭, ୧ମ ଥେସଲନୀକୀ ୪:୧୬, ୧ମ ପିତର ୫:୧୪) । ଗାଲାତୀ ଖ୍ରୀଷ୍ଟିୟାନମାନଙ୍କୁ ସେ କହନ୍ତି, "ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅ ।" (ଗାଲାତୀ ୩:୨୭) । ଏହି ବାକ୍ୟ ଓ ଅନେକ ସମତୁଲ୍ୟ ବାକ୍ୟ ଗୁଡିକ ବିଶ୍ୱାସ ସହ ବାପ୍ତିଜିତ ଦ୍ୱାରା ମନୁଷ୍ୟ ପରିତ୍ରାଣ ପ୍ରାପ୍ତ ହୁଏ ବୋଲି ଜାଣିପାରୁ । (ଯୋହନ ୩:୧୬, ୩-୫, ରୋମୀୟ ୬:୩-୫, କଲସୀ ୨:୧୨) ।

ଶାଉଲ ଦମ୍ମେସକ ରାସ୍ତାରେ ପରିତ୍ରାଣ ପ୍ରାପ୍ତ ହୋଇନଥିଲେ । ତିନିଦିନ ପରେ ବାପ୍ତିଜିତ ହୋଇ ଅନୁଗ୍ରହ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୋଇଥିଲେ । (ଏଫିସୀ ୨:୪-୧୦) । "କେବଳ ବିଶ୍ୱାସ" ଦ୍ୱାରା ଆମ୍ଭେମାନେ ପରିତ୍ରାଣ ପାଇ ନ ପାରୁ । ବିଶ୍ୱାସ ସହ ବାପ୍ତିଜିତ ହେବା ଦ୍ୱାରା ଆମ୍ଭେମାନଙ୍କ ପାପକ୍ଷମାହୁଏ, ଏବଂ ଆମ୍ଭେମାନେ ପରିତ୍ରାଣ ପ୍ରାପ୍ତ ହୋଇପାରୁ ।

**- Royce Fredrick**

❋❋❋

# ଯୀଶୁଖ୍ରୀଷ୍ଟଙ୍କ ତିନିରୂପ

## (The Three - Fold of of our Lord)

ଯୀଶୁଖ୍ରୀଷ୍ଟ ଏହି ଜଗତରେ ଏକ ମାନବରୂପେ ଜନ୍ମ ଗ୍ରହଣ କରିଥିଲେ । କିନ୍ତୁ ସେ ଏକ ସାମାନ୍ୟ ମାନବଠାରୁ ମହୋନ୍ନତ ବ୍ୟକ୍ତି । ସେ ସଂପୂର୍ଣ୍ଣଭାବେ ଦୈବିକ (Godly) ଓ ସଂପୂର୍ଣ୍ଣଭାବେ ମନୁଷ୍ୟ (Man) । ଏହି ତତ୍ତ୍ୱକୁ ବିଶ୍ଳେଷକମାନେ "Hypostatic Union' ବୋଲି ନାମିତ କରିଅଛନ୍ତି । ଏପରି ଦ୍ୱୟ ବ୍ୟକ୍ତିତ୍ୱ ଥିବା ବ୍ୟକ୍ତି ଯୀଶୁଖ୍ରୀଷ୍ଟଙ୍କ ଛଡା ଆଉ କେହି ନାହାନ୍ତି । ସେ ଆମ୍ଭମାନଙ୍କ ନିମନ୍ତେ ନରରୂପ ଧାରଣ କରିଥିବାରୁ, ତାହାଙ୍କ ରକ୍ତ ଦ୍ୱାରା ବିମୋଚିତ ଖ୍ରୀଷ୍ଟିୟାନମାନଙ୍କ ନିମନ୍ତେ କେତୋଟି କାର୍ଯ୍ୟ କରନ୍ତି ।

ସର୍ବଶକ୍ତିମାନ ପରମେଶ୍ୱର ଓ ପାପୀ ମନୁଷ୍ୟମାନଙ୍କ ମଧ୍ୟରେ ଥିବା ଦୂରତ୍ୱ ନିଭାଇବା ନିମନ୍ତେ ସେ ତିନି ଭାବରେ କାର୍ଯ୍ୟ କରନ୍ତି । **ଭାବବାଦୀ :-** ପରମେଶ୍ୱରଙ୍କ ବାକ୍ୟ ମନୁଷ୍ୟମାନଙ୍କୁ କହୁଥିଲେ, **ଯାଜକ :-** ପରମେଶ୍ୱରଙ୍କୁ ବଳିଦାନ ଦେଉଥିଲେ । **ରାଜା:-** ଯେଉଁମାନେ ପରମେଶ୍ୱରଙ୍କ ଅଧିନରେ ପ୍ରଜାମାନଙ୍କ ପ୍ରତିପାଳନ କରଉଥିଲେ । **ଭାବବାଦୀ :-** ଭାବବାଦୀମାନେ ପରମେଶ୍ୱରଙ୍କ ବିଷୟରେ ପ୍ରକଟ କରନ୍ତି, ପରମେଶ୍ୱରଙ୍କ ନିମନ୍ତେ କଥା କହନ୍ତି ଓ ପରମେଶ୍ୱରଙ୍କ ସତ୍ୟତା ମନୁଷ୍ୟମାନଙ୍କୁ ଜଣାନ୍ତି । ପରମେଶ୍ୱର ଭାବବାଦୀମାନେ ବର୍ତ୍ତମାନ ବିଷୟ ଓ ଭବିଷ୍ୟତ ବିଷୟ ମଧ୍ୟ ପ୍ରଜାମାନଙ୍କୁ ଜଣାନ୍ତି । ଯୀଶୁଖ୍ରୀଷ୍ଟ ଏକ ଭାବବାଦୀରୂପେ ପିତାଙ୍କୁ ମନୁଷ୍ୟମାନଙ୍କ ନିକଟରେ ପ୍ରକଟ କଲେ ଓ ତାହାଙ୍କ ଇଚ୍ଛା ପ୍ରତିଧ୍ୱନି କରିଥିଲେ । (ଯୋହନ ୧୨:୪୯-୫୦) । ଦ୍ୱିତୀୟ ବିବରଣ ୧୮:୧୫ରେ ମୋଶା କହନ୍ତି, "ସଦାପ୍ରଭୁ ତୁମ୍ଭ ପରମେଶ୍ୱର ତୁମ୍ଭ ନିମନ୍ତେ ତୁମ୍ଭ ଭିତରୁ, ତୁମ୍ଭ ଭାଇମାନଙ୍କ ମଧ୍ୟରୁ ଆମ୍ଭର ସଦୃଶ୍ୟ ଏକ ଭବିଷ୍ୟତ ବକ୍ତା ଉତ୍ପନ୍ନ କରିବେ, ତୁମ୍ଭେମାନେ ତାହାଙ୍କ ବାକ୍ୟରେ କର୍ଣ୍ଣପାତ କରିବ ।" ତାହାଙ୍କ ଆଗମନରେ ମୋଶାଙ୍କ ବ୍ୟବସ୍ଥା ସଫଳ ହୋଇ ଅମଳରେ ନୋହିବ । ପନ୍ଦର ଶହ ବର୍ଷ ପରେ ସେହି ଭବିଷ୍ୟତବକ୍ତା ଯୀଶୁଖ୍ରୀଷ୍ଟ ଅଟନ୍ତି ବୋଲି ପ୍ରେରିତ ପିତର ଆପଣା ପ୍ରସଙ୍ଗରେ ଉପସ୍ଥାପିତ କରିଥିଲେ । ଯୀଶୁ ମଧ୍ୟ ଆପଣାଙ୍କୁ ଏକ ଭାବବାଦୀରୂପେ ମାଥିଉ ୧୩:୫୭-୫୮ ଓ ଲୂକ ୧୩:୩୩ ପଦରେ କହିଅଛନ୍ତି, ନିଶ୍ଚିତଭାବେ ତାହାଙ୍କ ସଦୃଶ୍ୟ ଭବିଷ୍ୟତବକ୍ତା ନାହାନ୍ତି । (ଯୋହନ ୭:୪୬) ।

**ଯାଜକ :-** ପାପ ବିମୋଚନାର୍ଥେ ଯାଜକମାନେ ପୁରାତନ ବ୍ୟବସ୍ଥାର ସମୟରେ ସଦାପ୍ରଭୁଙ୍କୁ ବଳି ଅର୍ପଣ କରୁଥିଲେ । ଯୀଶୁଖ୍ରୀଷ୍ଟଙ୍କ ଆଗମନ ପର୍ଯ୍ୟନ୍ତ, ଯାଜକମାନଙ୍କୁ ପ୍ରଥମେ ଆପଣାର ପାପ ନିମନ୍ତେ, ତତ୍ପରେ ସମାଜର ପାପମୋଚନ ନିମନ୍ତେ ବଳି ଅର୍ପଣ କରିବାକୁ ପଡୁଥିଲା । (ଏବ୍ରୀ ୪:୧୫, ୭:୨୭) । ଯୀଶୁଖ୍ରୀଷ୍ଟ ଆପଣାକୁ ମାନବ ସମାଜ ନିମନ୍ତେ ଆପଣାକୁ ବଳି ଅର୍ପଣ କରିଥିଲେ । ଆମ୍ଭମାନଙ୍କ ପ୍ରଧାନ ଯାଜକ ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ମଧ୍ୟରେ ଏକ ମାତ୍ର ମଧ୍ୟସ୍ଥ ଅଟନ୍ତି । (ଯୋହନ ୭:୪୬) । ଭାବବାଦୀ ଓ ଯାଜକ ଯୀଶୁଖ୍ରୀଷ୍ଟ ପାପୀ ମନୁଷ୍ୟ ଓ ଧାର୍ମିକ ପିତା ମଧ୍ୟରେ ମଧ୍ୟସ୍ଥ ଅଟନ୍ତି । ଏକ ଭାବବାଦୀ ରୂପେ ସେ ଉର୍ଦ୍ଧ୍ୱସ୍ଥ ବାର୍ତ୍ତା ନିମ୍ନସ୍ଥ ପୃଥିବୀରେ ପ୍ରକଟ କରିଥିଲେ ଓ ଏକ ଯାଜକରୂପେ ନିମ୍ନସ୍ଥ ପୃଥିବୀରୁ ଉର୍ଦ୍ଧ୍ୱସ୍ଥ ପିତାଙ୍କୁ ଅର୍ପଣ କରିଥିଲେ ।

**ରାଜା :-**, ଦେଶବାସୀମାନଙ୍କ ଅଧିକାରୀ । ପବିତ୍ର ଧର୍ମଶାସ୍ତ୍ରରେ ଯୀଶୁଖ୍ରୀଷ୍ଟଙ୍କୁ ରାଜାରୂପେ କୁହାଯାଇଅଛି । ଯିଶାଇୟ ଭାବବାଦୀଙ୍କ ପୁସ୍ତକ ୯ମ ଅଧ୍ୟାୟ ଓ ୬-୭

ପଦରେ ଲେଖନ୍ତ, "କାରଣ ଆମ୍ଭମାନଙ୍କ ନିମନ୍ତେ ଏକ ବାଳକ ଜନ୍ମି ଅଛନ୍ତି, ଆମ୍ଭମାନଙ୍କୁ ଏକ ପୁତ୍ର ଦତ୍ତ ହୋଇଅଛନ୍ତି ଓ ତାହାଙ୍କ ସ୍କନ୍ଧରେ କର୍ତ୍ତବ୍ୟ ଭାର ଥୁଆଯିବ, ତାହାଙ୍କର ନାମ ଆଶ୍ଚର୍ଯ୍ୟ, ମନ୍ତ୍ରୀ, ପରକ୍ରାନ୍ତ ପରମେଶ୍ୱର ଅନନ୍ତକାଳୀନ ପିତା, ଶାନ୍ତି ରାଜା ହେବ । ତାହାଙ୍କ କର୍ତ୍ତବ୍ୟ ବୃଦ୍ଧି ଓ ଶାନ୍ତିର ସୀମା ରହିବ ନାହିଁ, ସେ ଦାଉଦଙ୍କର ସିଂହାସନରେ ଓ ତାହାଙ୍କର ରାଜ୍ୟରେ ଉପବିଷ୍ଟ ହୋଇ ବିଚାର ଓ ଧାର୍ମିକତାର ଓ ଧାର୍ମିକତାରେ ଏ କ୍ଷଣଠାରୁ ଅନନ୍ତକାଳ ପର୍ଯ୍ୟନ୍ତ ତାହା ସୁସ୍ଥିର ଓ ସୁଦୃଢ଼ କରିବେ । ସୈନ୍ୟାଧିପତି ସଦାପ୍ରଭୁଙ୍କ ଉଦ୍‌ଯୋଗ ଏହା ସାଧନ କରିବା ।" ଯୀଶୁଖ୍ରୀଷ୍ଟ ତାହାଙ୍କ ରାଜ୍ୟରେ ରାଜତ୍ୱ କରିବେ ବୋଲି ସଦାପ୍ରଭୁ, ଭାବବାଦୀ ଦାନିୟେଲ ଦ୍ୱାରା ପ୍ରତିଜ୍ଞାତ କଲେ ସୁଦ୍ଧା, ପୂର୍ବଦେଶୀୟ ପଣ୍ଡିତମାନେ ଯିରୁଶାଲମରୁ ଆସି "ଯିହୂଦୀମାନଙ୍କର ଯେଉଁ ରାଜା ଗ୍ରହଣ କରିଅଛନ୍ତି ସେ କେଉଁଠାରେ ?" ବୋଲି ପ୍ରଶ୍ନ କରିବା ପର୍ଯ୍ୟନ୍ତ ସେ ରାଜାରୂପେ ପରିଚିତ ହୋଇନଥିଲେ । (ମାଥିଉ ୨ : ୨ ୫) । ପିଲାତ ଯୀଶୁଖ୍ରୀଷ୍ଟଙ୍କୁ ପ୍ରଶ୍ନ କରିଥିଲେ, "...ତୁମ୍ଭେ କି ଯିହୂଦୀମାନଙ୍କ ରାଜା ?" (ମାଥିଉ ୨୭:୧୧) । ସେ ରାଜା ହେବାର ଅର୍ଥ :- (୧) ତାହାଙ୍କର ଏକ ରାଜ୍ୟ ଅବସ୍ଥିତ – ତାହା ତାହାଙ୍କ ମଣ୍ଡଳୀ । (ମାଥିଉ ୧୬:୧୮–୧୯, କଲସୀ ୧:୧୩) । (୨) ସେ ରାଜ୍ୟ ପାଳନ କରିବାକୁ ଓ ନ୍ୟାୟ ବିଚାର କରିବାକୁ ଅଧିକାର ପ୍ରାପ୍ତ ଅଟନ୍ତି । (ପ୍ରେରିତ ୧୭:୩୧, ପ୍ରକାଶିତ ୧୯:୧୧) । (୩) ସେ ସର୍ବାଧିକାରୀଅଟନ୍ତି । (କଲସୀ ୧:୧୮) । ତେଣୁ କରି ପ୍ରେରିତ ପାଉଲ, ତୀମଥିଙ୍କୁ ଲେଖନ୍ତି, "ଯେ ପରମଧନ୍ୟ ଏକ ମାତ୍ର ସମ୍ରାଟ୍ ଯେ ରାଜାଙ୍କର ଓ ପ୍ରଭୁଙ୍କର ପ୍ରଭୁ ।" (୧ମ ୬:୧୫) ।

ଯଦିଓ ଏହି ଜଗତରେ ଯୀଶୁଖ୍ରୀଷ୍ଟଙ୍କ ପରିଚର୍ଯ୍ୟା ସମାପ୍ତ ହୋଇଅଛି, ତଥାପି ସେ ଆପଣା ମଣ୍ଡଳୀ ଓ ଆପଣା ସୃଷ୍ଟି ସମସ୍ତଙ୍କ ନିମନ୍ତେ କାର୍ଯ୍ୟ କରୁଅଛନ୍ତି । "ସେ ଆମ୍ଭମାନଙ୍କୁ ଅନ୍ଧକାରର କ୍ଷମତାରୁ ଉଦ୍ଧାର କରି ଆପଣା ପ୍ରେମପାତ୍ର ପୁତ୍ରଙ୍କ ରାଜ୍ୟ ମଧ୍ୟକୁ ସ୍ଥାନାନ୍ତର କରିଅଛନ୍ତି । ତାହାଙ୍କଠାରେ ଆମ୍ଭେମାନେ ମୁକ୍ତି, ଅର୍ଥାତ୍ ପାପକ୍ଷମା ପାଇଅଛୁ । ସେ ଅଦୃଶ୍ୟ ଈଶ୍ୱରଙ୍କ ପ୍ରତିମୂର୍ତ୍ତି, ସମସ୍ତ ସୃଷ୍ଟିର ପ୍ରଥମଜାତ । କାରଣ ଦୃଶ୍ୟ ଓ ସ୍ୱର୍ଗରେ ଓ ପୃଥିବୀରେ ସମସ୍ତ ବିଷୟ ତାହାଙ୍କ ଦ୍ୱାରା ସୃଷ୍ଟି ହେଲା, ସିଂହାସନ କି ପ୍ରଭୁତ୍ୱ କି ଆଧିପତ୍ୟ କି କର୍ତ୍ତାପଣ ସମସ୍ତ ତାହାଙ୍କ ଦ୍ୱାରା ଓ ତାହାଙ୍କ ନିମନ୍ତେ ସୃଷ୍ଟି ହୋଇଅଛି । ଆଉ, ସେ ମଣ୍ଡଳୀ ରୂପ ଶରୀରର ମସ୍ତକ ସ୍ୱରୂପ, ସେ ଆଦି, ମୃତମାନଙ୍କ ମଧ୍ୟରୁ ପ୍ରଥମଜାତ, ଯେପରି ସମସ୍ତ ବିଷୟରେ ସେ ଅଗ୍ରଗଣ୍ୟ ହୁଅନ୍ତି ।" (କଲସୀ ୧:୧୩–୧୮) । ଏକ ଭାବବାଦୀ ରୂପେ ସେ ବାକ୍ୟଦ୍ୱାରା ମନୁଷ୍ୟ ସମାଜକୁ କଥା କହନ୍ତି । ଏକ ଯାଜକରୂପେ, ସେ ପ୍ରଜାମାନଙ୍କ ପାପକ୍ଷମା ନିମନ୍ତେ ଆପଣାକୁ ବଳି

ଦେଇଅଛନ୍ତି । (ଏବ୍ରୀ ୯:୧୨, ପ୍ରକାଶିତ ୫:୯) । ମଣ୍ଡଳୀରୂପେ ତାହାଙ୍କ ଅନନ୍ତ ରାଜ୍ୟକୁ ସେ ରାଜ୍ୟତ୍ୱ କରନ୍ତି । ନିଶ୍ଚିତଭାବେ ସେ ମାନବ ରୂପଧାରୀ, ଏକ ଭାବବାଦୀ, ଏକ ଯାଜକ ଓ ରାଜ ଅଟନ୍ତି ।

- **Rodney Nulph**

❋❋❋

# ଶୂନ୍ୟ ଗୃହର ଦୃଷ୍ଟାନ୍ତ

## (The Vacant House Parable)

ମାଥିଉ ୧୨:୪୩-୪୫ ପଦଗୁଡ଼ିକରେ ଯୀଶୁଖ୍ରୀଷ୍ଟଙ୍କର "ଶୂନ୍ୟ ଗୃହର ଦୃଷ୍ଟାନ୍ତ" ଲିଖିତ ହୋଇଅଛି । ଗୃହକର୍ତ୍ତା, ଗୃହ ଖାଲି କରି, ଗୃହ ସଫା କରିଲେ କିନ୍ତୁ ସେଥିରେ କେହି ନିବାସ ରହୁ ନଥିଲେ ।

ଶୂନ୍ୟ ଗୃହରେ ଅନେକ ଅସଙ୍ଗତ ବିଷୟ ଘଟିବାର ସମ୍ଭାବନା ଥାଏ । ଏପରି ଗୃହକୁ ବୀମା ମଧ୍ୟ ମିଳେ ନାହିଁ । ଶୂନ୍ୟ ଗୃହ ଶୀଘ୍ର ଶୀଥିଳ ହୋଇଥାଏ । ଯୀଶୁଖ୍ରୀଷ୍ଟଙ୍କ ଦୃଷ୍ଟାନ୍ତରେ, "ଅଶୁଚି ଆତ୍ମା ଜଣେ ମନୁଷ୍ୟଠାରୁ ବାହାରି ଗଲା ଉତ୍ତାରେ ଜଳଶୂନ୍ୟ ସ୍ଥାନସବୁ ଭ୍ରମଣ କରି ବିଶ୍ରାମ ଖୋଜେ ଓ ତାହା ପାଏ ନାହିଁ, ସେଥିରେ ସେ କୁହେ, ମୁଁ ଯେଉଁ ଘରୁ ବାହାରି ଆସିଥିଲି, ମୋର ସେହି ଘରକୁ ବାହୁଡ଼ି ଯିବି, ପୁଣି, ସେ ଆସି ତାହା ଶୂନ୍ୟ, ମାର୍ଜିତ ଓ ସୁଶୋଭିତ ଦେଖେ, ସେତେବେଳେ ସେ ଯାଇ ଆପଣାଠାରୁ ଅଧିକ ଦୁଷ୍ଟ ଆଉ ସାତୋଟା ଆତ୍ମା ସାଙ୍ଗରେ ଘେନି ଆସେ, ପୁଣି ସେମାନେ ପ୍ରବେଶ କରି ସେଠାରେ ବାସ କରନ୍ତି, ଆଉ ସେହି ଲୋକର ପ୍ରଥମ ଦଶା ଅପେକ୍ଷା ଶେଷ ଦଶା ଅଧିକ ମନ୍ଦହୁଏ । ଏହି ଦୁଷ୍ଟ ପୁରୁଷ ପ୍ରତି ମଧ୍ୟ ସେହି ପ୍ରକାର ଘଟିବ ।"

ଯୀଶୁଖ୍ରୀଷ୍ଟଙ୍କ କଥିତ ଏହି ଦୃଷ୍ଟାନ୍ତ ଆମ୍ଭମାନଙ୍କୁ ଅନେକ ଶିକ୍ଷା ଦିଏ । ଆତ୍ମିକ ଶୂନ୍ୟତାରେ ଜୀବନ ଯାପନ କରି ନପାରୁ । ଆମ୍ଭମାନଙ୍କ ଜୀବନରେ ପାପତ୍ୟାଗ କରିବା ଯଥେଷ୍ଟ ନୁହେଁ, କିନ୍ତୁ ଆମ୍ଭମାନଙ୍କ ଜୀବନ ଉତ୍ତମ ବିଷୟରେ ପୂର୍ଣ୍ଣ କରିବା ଆବଶ୍ୟକ । ଅସଙ୍ଗତ ଜୀବନ ତ୍ୟାଗ କରିବା ଯଥେଷ୍ଟ ନୁହେଁ, ଉତ୍ତମତାରେ ପୂର୍ଣ୍ଣକରୁ ।

ଏକ୍ ବିଦ୍ୟୁତ୍ ଖମ୍ଭ ମଦ୍ୟମାପ କରେ ନାହିଁ, ଚୋରି କରେ ନାହିଁ କିଅବା କୌଣସି ପାପ କରେ ନାହିଁ, ତାର ଅର୍ଥ ଏହି ନୁହେଁ ଯେ ବିଜୁ୍ୟତ୍ ଖମ୍ଭ ଏକ ଧାର୍ମିକ ବ୍ୟକ୍ତି । କିନ୍ତୁ ଏକ ଜମିରେ କିଛି ନ ବୁଣିଲେ, ସେଥିରେ ବାଲୁଙ୍ଗା ବଢ଼େ । ବାଲୁଙ୍ଗା କାଢ଼ି ଜଙ୍ଗଲ ସଫା କରି, ଉତ୍ତମ ବୀଜ ନ ବୁଣିଲେ, ପୁନଃର୍ବାର ବାଲୁଙ୍ଗା ବଢ଼ିଯାଏ ।

ଶାରିରୀକ ଭାବ ଓ ଆତ୍ମିକତା ବିଷୟରେ ପାର୍ଥକ୍ୟ ବୁଝାଇବା ନିମନ୍ତେ ପ୍ରେରିତ ପାଉଲ କହନ୍ତି, "... ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।" (ଗାଲାତୀ ୫:୧୬ ଓ ୬:୧୦) । ଏହିପରି ଭାବେ ଆମ୍ଭେମାନେ ଜୀବନରେ ପାପରୁ ଦୂରରେ ରହି ପାରିବା । ଆପଣା ହୃଦୟକୁ ଉତ୍ତମତାର ପୂର୍ଣ୍ଣକର, ମନ୍ଦ ବିଷୟ ନିମନ୍ତେ ଆଉ ସ୍ଥାନ ରହିବ ନାହିଁ ।

ଯେଉଁ ଗୃହ ଜ୍ଞାନ, ବିଶ୍ୱାସ, ପ୍ରାର୍ଥନା, ସହଭାଗିତାରେ ପୂର୍ଣ୍ଣ ନୁହେଁ ସେ ଗୃହ ମନ୍ଦତାରେ ପୂର୍ଣ୍ଣ ହେବ । ସାଂସାରିକ ଚିନ୍ତା, ଧନ ଓ ସୁଖଭୋଗର ବଶବର୍ତ୍ତୀ ହୋଇ ଜୀବନଯାପନ କରିବା ବ୍ୟକ୍ତିମାନେ ଉତ୍ତମ ଫଳ ଫଳି ପାରନ୍ତି ନାହିଁ । ସତ୍ୟ, ବିଶ୍ୱାସ ଶୃଙ୍ଖଳତା ଥିବା ହୃଦୟରେ, ଶାରିରୀକ ଭାବ ଅଭିବୃଦ୍ଧି ପାଇ ପାରେନାହିଁ ।

ଖ୍ରୀଷ୍ଟ ଆମ୍ଭମାନଙ୍କ ଜୀବନର ଦୁଷ୍ଟତା ଦୂର କରନ୍ତି ନାହିଁ, ବରଂ ଆମ୍ଭମାନଙ୍କ ହୃଦୟ ଉତ୍ତମତାରେ ପୂର୍ଣ୍ଣ କରନ୍ତି । ଏହା ହିଁ ସମସ୍ୟା ଗୁଡିକୁ ସମାଧାନ କରିବାର ଖ୍ରୀଷ୍ଟିୟ ସୂତ୍ର । ବିଶ୍ୱାସ ଓ ପ୍ରାର୍ଥନାଶୀଳ ଜୀବନଯାପନ କଲେ, ଶୟତାନ ଆମ୍ଭମାନଙ୍କ ଜୀବନରେ ପ୍ରବେଶ କରି ପାରିବ ନାହିଁ । ଶେଷରେ, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରରେ ଅଭିଳାଷ ପୂର୍ଣ୍ଣ କରିବ ନାହିଁ ।

**- Owen Cosgrove**

❋❋❋

# ଆହାର, ପୋଷାକ ଓ ନିବାସ ଗୃହ

## (Food, Cloth and House)

ପ୍ରେରିତ ପିତର ଆପଣାର ଦ୍ୱିତୀୟ ପତ୍ରରେ ଲେଖନ୍ତି, "ଯେ ଆପଣା ଗୌରବ ଓ ସଦ୍‌ଗୁଣରେ ଆମ୍ଭମାନଙ୍କୁ ଆହ୍ୱାନ କରି ଅଛନ୍ତି, ତାହାଙ୍କ ଐଶ୍ୱରିକ ଶକ୍ତି ଆମ୍ଭମାନଙ୍କୁ ଜୀବନ ଓ ଧର୍ମ ପରାୟଣତା ନିମନ୍ତେ ସମସ୍ତ ଆବଶ୍ୟକୀୟ ବିଷୟ ଦାନ କରିଅଛି ।" (୨:୩) । ଆମ୍ଭେମାନେ ଏହି ଜଗତରେ ଆମ୍ଭମାନଙ୍କ ଜୀବନ ଯାପନ ନିମନ୍ତେ ଓ ଆତ୍ମୀୟ ଜୀବନ ନିମନ୍ତେ ସେ ପ୍ରଦାନ କରିଅଛନ୍ତି । ଏହି ଶାରିରୀକ ଜୀବନ ନିମନ୍ତେ ଆମ୍ଭମାନଙ୍କୁ ବାୟୁ, ଜଳ, ଖାଦ୍ୟ, ପୋଷାକ ଓ ଗୃହ ନିତାନ୍ତ ଆବଶ୍ୟକ । ବାୟୁ କିଅବା ଜଳ ସଦାପ୍ରଭୁ କେବେ ସୃଷ୍ଟି କଲେ ଲିଖିତ ହୋଇନାହିଁ । ସୃଷ୍ଟିର ତୃତୀୟ ଦିବସରେ ସଦାପ୍ରଭୁ କହିଲେ, "...ପୃଥିବୀ ତୃଣ ଓ ସବୁଜ ଶାକ ଓ ବୀଜ ସମ୍ବଳିତ ସ୍ୱ ସ୍ୱଜାତି ଅନୁଯାୟୀ ଫଳୋତ୍ପାଦକ ଫଳବୃକ୍ଷ ଉପରେ ଉତ୍ପନ୍ନ କରୁ; ତହିଁରେ ସେପରି ହେଲା,

ଅର୍ଥାତ୍, ପୃଥିବୀ ତୃଣ ଓ ସ୍ୱ ସ୍ୱଜାତି ଅନୁସାରେ ଜୀବୋତ୍ପାଦକ ବୃକ୍ଷ ଉତ୍ପନ୍ନ କଲା, ପୁଣି ପରମେଶ୍ୱର ତାହା ଉତ୍ତମ ଦେଖିଲେ ।" (୧ଆଦି ୧:୨୨) । ସେ ପଞ୍ଚମ ଦିବସରେ ଆକାଶ ପକ୍ଷୀ ଓ ସମୁଦ୍ରରେ ମତ୍ସ୍ୟ ସୃଷ୍ଟିକଲେ । ଷଷ୍ଠମ ଦିନରେ ସେ ପ୍ରାଣୀବର୍ଗ, ଅର୍ଥାତ୍ ଗ୍ରାମ୍ୟ ପଶୁ ଓ ଉରୋଗାମୀ ଜନ୍ତୁ, ବନ୍ୟାପଶୁ ଉତ୍ପନ୍ନ କଲେ । ଷଷ୍ଠ ଦିନରେ ସୃଷ୍ଟି ମାନବକୁ କହିଲେ, "...ଦେଖ, ଆମ୍ଭେ ଭୂମିସ୍ଥ ସବୁ ସଜୀବ ହେବ । ପୁଣି, ପୃଥିବୀସ୍ଥ ସମସ୍ତ ପଶୁ ଓ ଖେଚର ପକ୍ଷୀ ଓ ଭୂଚର ଉରୋଗାମୀ ଜନ୍ତୁ, ଏହି ସମସ୍ତ ପ୍ରାଣୀ ଭକ୍ଷ୍ୟ ନିମନ୍ତେ ଆମ୍ଭେ ସବୁ ହରିତ ଶାକ ଦେଲୁ । ତହିଁରେ ସେପରି ହେଲା ।" (ଆଦି ୧:୨୯-୩୦) । ଆମ୍ଭମାନଙ୍କ ଦୟାଳୁ ପିତା ମନୁଷ୍ୟ ତଥାପି ପ୍ରତ୍ୟେକ ପ୍ରାଣୀକୁ ଆହାର ଯୋଗାନ୍ତି । ଇଶ୍ରାଏଲର ସୁଗାୟକ ଗାଆନ୍ତି, "ସମସ୍ତଙ୍କର ଚକ୍ଷୁ ତୁମ୍ଭ ଅପେକ୍ଷାରେ ଥାଏ, ତୁମ୍ଭେ ଉପଯୁକ୍ତ ସମୟରେ ସେମାନଙ୍କୁ ଆହାର ଦେଉଅଛ । ତୁମ୍ଭେ ଆପଣା ହସ୍ତ ମେଲାଇ ପ୍ରତ୍ୟେକ ପ୍ରାଣୀର କାମନା ପୂର୍ଣ୍ଣ କରୁଅଛ ।" (ଗୀତ ୧୪୫:୧୫-୧୬) । ଯୀଶୁଖ୍ରୀଷ୍ଟ ପର୍ବତ ଉପଦେଶରେ କହିଥିଲେ, "ଆକାଶର ପକ୍ଷୀଙ୍କି ଦେଖ, ସେମାନେ ବୁଣନ୍ତି ନାହିଁ କି କାଟନ୍ତି ନାହିଁ କିଅବା ଅମାରରେ ସଞ୍ଚୟ କରନ୍ତି ନାହିଁ, ଆଉ ତୁମ୍ଭମାନଙ୍କର ସ୍ୱର୍ଗସ୍ଥ ପିତା ସେମାନଙ୍କୁ ଆହାର ଦିଅନ୍ତି,...।" (ମାଥିଉ ୬:୨୬) । ମନୁଷ୍ୟ କ୍ଷେତରେ ବୀଜ ବୁଣେ, ଜଳସେଚନ କରେ କିନ୍ତୁ ସଦାପ୍ରଭୁ ଅଭିବୃଦ୍ଧି ଦିଅନ୍ତି । (୧ମ କରିନ୍ଥୀ ୩:୬) ।

ଦ୍ୱିତୀୟରେ, ମାନବ ଜାତି ନିମନ୍ତେ 'ବସ୍ତ୍ର' ଏକ ଆବଶ୍ୟକ ବସ୍ତୁ । ଆମ୍ଭମାନଙ୍କ ପିତା ଓ ମାତାମାନେ ନିଷେଧିତ ଫଳ ଖାଇବାରୁ "ସେମାନଙ୍କ ଚକ୍ଷୁ ପ୍ରସନ୍ନ ହୁଅନ୍ତେ, ସେମାନ ନିଜ ଉଲଙ୍ଗତା ବୋଧ ପାଇ ଡିମିରି ବୃକ୍ଷର ପତ୍ର ସିଇ ଘାଗରା ବନାଇଲେ ।" କିନ୍ତୁ, "... ସଦାପ୍ରଭୁ ପରମେଶ୍ୱର ଚର୍ମର ବସ୍ତ୍ର ପ୍ରସ୍ତୁତ କରି ଆଦମ ଓ ତାଙ୍କର ଭାର୍ଯ୍ୟାକୁ ପିନ୍ଧାଇଲେ ।" (ଆଦି ୩:୭ ଓ ୨୧) । ମାନବ ପାପ କରିବା ଦିନରୁ ବସ୍ତ୍ରର ଆବଶ୍ୟକତା ରହିଅଛି । ମନୁଷ୍ୟ ବସ୍ତ୍ର ନିମନ୍ତେ ଆବଶ୍ୟକ ବିଷୟ ସବୁ ଭୂମିରୁ ଉତ୍ପନ୍ନ କରେ । ଭୂମିରୁ, ଖଣିଜ ତୈଳରୁ, ରେଶମରୁ ଉଲ୍‌ରୁ ମନୁଷ୍ୟ ପୋଷାକ ସିଲାଏ । ଏହି ସବୁ ପଦାର୍ଥ ମନୁଷ୍ୟ ଭୂମିରୁ ପାଏ । ମନୁଷ୍ୟ ସୃଷ୍ଟି କରିପାରେ ନାହିଁ ।

ତୃତୀୟରେ, ମନୁଷ୍ୟର ନିବାସଗୃହ ନିତାନ୍ତ ଆବଶ୍ୟକ । ସୃଷ୍ଟିର ଆରମ୍ଭରେ ଆଦି ପିତା ଓ ମାତାଙ୍କ ଗୃହ ଏଦନ ଉଦ୍ୟାନରେ ଥିଲା । ଆଜ୍ଞା ଲଙ୍ଘନରେ ସେଠାରୁ ତାଡିତ ହୋଇ ଆନ୍ୟ ସ୍ଥାନରେ ଗୃହ ନିର୍ମାଣ କରିଥିଲେ । କୟିନ ସଦାପ୍ରଭୁଙ୍କ ସାନିଧ୍ୟରୁ ତାଡିତ ହୋଇ ଆପଣା ପୁତ୍ରର ନାମାନୁସାରେ 'ହିନୋକ' ନାମ ଦେଲେ । (ଆଦି ୪:୧୭) । ଅବ୍ରାହମ, ଇସ୍‌ହାକ ଓ ଯାକୁବମାନେ ତମ୍ବୁରେ ନିବାସ କରୁଥିଲେ । (ଏବ୍ରୀ

୧୧:୯) । ଯାକୁବ ଆପଣା ଶ୍ୱଶୁର ନିକଟରୁ ଆପଣା ପିତା ଇସ୍‌ହାସଙ୍କ ନିକଟକୁ ଫେରି ଆସୁଥିବା ରାସ୍ତାରେ ଆପଣା ନିମନ୍ତେ ଗୃହ ଓ ପଶୁମାନଙ୍କ ନିମନ୍ତେ କୁଡିଆ ନିର୍ମାଣ କରିଥିଲେ । ଶଲେମନ ରାଜା ଏକ ପ୍ରସିଦ୍ଧ ରାଜପ୍ରସାଦରେ ବାସ କରୁଥିଲେ ।

ଏହି ଜଗତରେ ପ୍ରତ୍ୟେକ ପ୍ରାଣୀ ନିମନ୍ତେ ଆପଣାର ବାଞ୍ଛା ସ୍ଥାନ ରହିଅଛି । ମନୁଷ୍ୟ ଆପଣା ନିମନ୍ତେ ତାଳପତ୍ର, ଧାନକୁଟା, ଇଟା, ମାଟି, ସିମେଣ୍ଟ, ବାଲି, ପଥରରେ ଗୃହ ନିର୍ମାଣା କର୍ନତି । ଏ ସବୁ ମନୁଷ୍ୟ ସୃଷ୍ଟି କରି ପାରେନାହିଁ । କିନ୍ତୁ ଆପଣା କୌଶଳତା ଶ୍ରମ ଦ୍ୱାରା ଗୃହ ନିର୍ମାଣ କରିଥାଏ । ଆପଣା ସ୍ୱନିବାସ ସ୍ଥଳ ବିନା କୌଣସି ଜୀବୀ ଏହି ଜଗତରେ ବଞ୍ଚି ପାରେନାହିଁ । ମୋଶାଙ୍କୁ ସଦାପ୍ରଭୁ ତାହାଙ୍କ ନିବାସ ନିମନ୍ତେ ଏକ ତମ୍ବୁ ନିର୍ମାଣ କରିବାକୁ ଆଜ୍ଞା ଦେଇଥିଲେ । "ସେମାନେ ଆମ୍ଭ ନିମନ୍ତେ ଏକ ପବିତ୍ର ସ୍ଥାନ ନିର୍ମାଣ କରନ୍ତୁ, ତହିଁରେ ଆମ୍ଭେ ସେମାନଙ୍କ ମଧ୍ୟରେ ବାସ କରିବା ।" (ଯାତ୍ରା ୨୫:୮) ଦାଉଦ ରାଜାଙ୍କର ମନରେ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ମନ୍ଦିର ନିର୍ମାଣ କରିବାର ଆସକ୍ତ ଥିଲା, କିନ୍ତୁ ଶଲୋମନ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ମହାନ ମନ୍ଦିର ବାନ୍ଧି ଥିଲେ, ସେ ମନ୍ଦିର ରାଜା ନବଖଦ୍‌ନସ୍ୱର ଧ୍ୱଂସ କରିବା ପରେ, ସେହି ସମୟରେ ପୁନଃନିର୍ମିତ ହୋଇଥିଲା । ଦ୍ୱିତୀୟ ମନ୍ଦିରର ବିନଷ୍ଟ ହେବା ପରେ, ହେରୋଦ ସମୟରେ ପୁନଃନିର୍ମିତ ହୋଇଥିଲା ।

## ଆତ୍ମିକ ଭାବେ :

ମନୁଷ୍ୟମାନଙ୍କ ନିତନ୍ତ ଆବଶ୍ୟକ ପ୍ରାଣବାୟୁ, ପରମେଶ୍ୱରଙ୍କ ଦତ୍ତ । "ଅନନ୍ତର ସଦାପ୍ରଭୁ ପରମେଶ୍ୱର ଭୂମିର ଧୂଳି ଦ୍ୱାରା ମନୁଷ୍ୟକୁ ନିର୍ମାଣ କରି ତାହାର ନିସିକାରନ୍ଧ୍ରେ ଫୁଙ୍କ ଦେଇ ପ୍ରାଣବାୟୁ ପ୍ରବେଶ କରାଇଲେ, ତହିଁରେ ମନୁଷ୍ୟ ଜୀବିତ ପ୍ରାଣୀ ହେଲା ।" (ଆଦି ୨:୭) । ପ୍ରାଣବାୟୁ ବିନୁ କୌଣସି ପ୍ରାଣୀ ଜୀବିତ ରହିବା ଅସମ୍ଭବ । ପ୍ରାଣବାୟୁ ଉପରେ କେବଳ ସଦାପ୍ରଭୁଙ୍କ ଅଧିକାର ଅଛ । (ଉପଦେଶକ ୮:୮) । ଦ୍ୱିତୀୟରେ ମନୁଷ୍ୟ ଜୀବିତ ରବା ନିମନ୍ତେ 'ଜଳ' ନିତାନ୍ତ ଆବଶ୍ୟକ । ଯୀଶୁ କହିଲେ, "...ମୁଁ ଯେଉଁ ଜଳ ଦେବି, ତାହା ଯେକେହି ପାନ କରିବ ସେ କେବେ ହେଁ ତୃଷାର୍ତ୍ତ ହେବ ନାହିଁ, ବରଂ ମୁଁ ତାହାକୁ ଯେଉଁ ଜଳ ଦେବି, ତାହା ଅନନ୍ତ ଜୀବନଦାୟ ଜଳର ନିର୍ଝର ସ୍ୱରୂପେ ତାହାଠାରେ ଉଚ୍ଛୁଳି ଉଠୁଥିବ ।" (ଯୋହନ ୪:୧୪) । ଅରଣ୍ୟରେ ଈଶ୍ରାଏଲ ଜାତି ବିଷୟରେ ପ୍ରେରିତ ପାଉଲ କହନ୍ତି । "...ଓ ସମସ୍ତେ ଏକ ପାରମାର୍ଥିକ ପେୟ ପାନ କଲେ, (ଯେଣୁ ସେମାନେ ସେମାନଙ୍କ ଅନୁବର୍ତ୍ତୀ ପାରମାର୍ଥିକ ଶୈଳରୁ ପାନ କରୁଥିଲେ, ଆଉ ସେହି ଶୈଳ ଖ୍ରୀଷ୍ଟ) ।" ଆମ୍ଭମାନଙ୍କ ଆତ୍ମିକ ଜୀବନ ନିମନ୍ତେ ପ୍ରୟୋଜନୀୟ ଜଳ,

ଖ୍ରୀଷ୍ଟ ଆମ୍ଭମାନଙ୍କୁ ପ୍ରଦାନ କରନ୍ତି । ତୃତୀୟରେ ମନୁଷ୍ୟର ଜୀବନ ନିମନ୍ତେ "ଆହାର' ଯେପରି ଅତ୍ୟାବଶ୍ୟକ ଆତ୍ମିକ ଜୀବନ ନିମନ୍ତେ ଆତ୍ମିକ ଆହାର ଆବଶ୍ୟକ । ପ୍ରେରିତ ପିତର ଲେଖନ୍ତି, "ଅତଏବ ପ୍ରଭୁ ଯେ ମଙ୍ଗଳମୟ, ଏହା ଏହି ଆସ୍ୱାଦନ କରିଅଛି, ତାହାହେଲେ ସମସ୍ତ ପ୍ରକାର ଦୃଷ୍ଟତା, ଛଳ, କପଟ, ଈର୍ଷା ଓ ପରନିନ୍ଦା ପରିତ୍ୟାଗ କରି, ନବଜାତ ଶିଶୁ ତୁଲ୍ୟ ପାରମାର୍ଥିକ ଅମିଶ୍ରିତ ଦୁଗ୍ଧ ପାନ କରିବାକୁ ଇଚ୍ଛା କର, ଯେପରି ତଦ୍ୱାରା ପରିତ୍ରାଣାର୍ଥେ ବୃଦ୍ଧି ପାଇପାର ।" (୨:୧-୩) । ଆତ୍ମିକତାରେ ବୟଃପ୍ରାପ୍ତ ହେବା ନିମନ୍ତେ ଖ୍ରୀଷ୍ଟିୟାନ ମାନଙ୍କୁ ଗୁରୁପାକ ଖାଦ୍ୟ ପ୍ରୟୋଜନ । (ଏବ୍ରୀ ୫:୧୩-୧୪) । ଯୀଶୁଖ୍ରୀଷ୍ଟ କହିଲେ, "ମୁଁ ଜୀବନଦାୟକ ଆହାର,...ମୁଁ ସ୍ୱର୍ଗରୁ ଅବତୀର୍ଣ୍ଣ ସେହି ଜୀବନ୍ତ ଆହାର, କେହି ଯଦି ଏହି ଆହାର ଭୋଜନ କରେ, ସେ ଅନନ୍ତକାଳ ପର୍ଯ୍ୟନ୍ତ ଜୀବିତ ରହିବ ।..." (ଯୋହନ ୬:୪୮ ଓ ୫୧, ମାଥିଉ ୪:୪) ।

ବସ୍ତ୍ରଧାରଣ ମନୁଷ୍ୟ ଜୀବନରେ ଏକ ବିଶିଷ୍ଟ ସ୍ଥାନ ରହିଅଛି । ମନୁଷ୍ୟ ଆପଣା ସ୍ଥାୟୀନୁଯାୟୀ ବସ୍ତ୍ରଧାରଣ କରେ । ଅନ୍ୟାନ୍ୟ ବସ୍ତ୍ରର ଆବିର୍ଭାବ ପୂର୍ବେ ମନୁଷ୍ୟମାନେ ଶୁଚର୍ମର ବସ୍ତ୍ରଧାରଣ କରୁଥିଲେ । ବିଭିନ୍ନ ଦେଶରେ ବିଭିନ୍ନ ବସ୍ତ୍ରଧାରଣ କରନ୍ତି । ବେଳେ ବେଳେ ମନୁଷ୍ୟମାନଙ୍କ ବସ୍ତ୍ରଧାରଣରୁ ସେମାନଙ୍କ କାର୍ଯ୍ୟ,ବର୍ଗ, ଦେଶ, ଭାଷା ପ୍ରସ୍ତୁତ ସ୍ୱଚୀତ ହୁଏ । ସମାଗମ ତମ୍ବୁରେ ପରିଚର୍ଯ୍ୟା କରୁଥିବା ଯାଜକମାନଙ୍କ ଓ ପ୍ରଧାନ ଯାଜକ ବସ୍ତ୍ରଧାରଣ ବିଷୟରେ ସଦାପ୍ରଭୁ ବିଶେଷ ଭାବେ ଆଦେଶ ଦେଇଥିଲେ । ଯାକୁବ ଆପଣା ପରିବାର ବର୍ଗକୁ ବୈଥଲ୍ ନେବା ପୂର୍ବେ ସେମାନଙ୍କ ବସ୍ତ୍ର ପରିବର୍ତ୍ତନ କରିବାକୁ ଆଜ୍ଞା ଦେଇଥିଲେ । (ଆଦି ୩୫:୨) । ସୀନୟ ପର୍ବତ ଉପରେ ସଦାପ୍ରଭୁଙ୍କଠାରୁ ବ୍ୟବସ୍ଥା ପ୍ରାପ୍ତ ହେବା ପୂର୍ବେ, ଇଶ୍ରାଏଲ ସନ୍ତାନମାନେ ବସ୍ତ୍ର ଧୌତ କରିବା ନିମନ୍ତେ ଆଜ୍ଞାପିତ ହୋଇଥିଲେ । (ଯାତ୍ରା ୧୯:୧୦) ।

ଆତ୍ମିକଭାବେ ଖ୍ରୀଷ୍ଟିୟାନମାନେ ଖ୍ରୀଷ୍ଟଙ୍କୁ ଧାରଣ କରିଥା'ନ୍ତି । "ଯେଣୁ ତୁମ୍ଭେମାନେ ଯେତେ ଲୋକ ଖ୍ରୀଷ୍ଟଙ୍କ ଉଦ୍ଦେଶ୍ୟରେ ବାପ୍ତିଜିତ ହୋଇଅଛ, ତୁମ୍ଭେମାନେ ସମସ୍ତେ ଖ୍ରୀଷ୍ଟଙ୍କୁ ପରିଧାନ କରିଅଛ ।" (ଗାଲାତୀ ୩:୨୭) । ଏଫିସୀ ମଣ୍ଡଳୀର ଖ୍ରୀଷ୍ଟିୟାନମାନଙ୍କୁ ପ୍ରେରିତ ପାଉଲ ଲେଖନ୍ତି, "ଯେଉଁ ନୂତନ ସ୍ୱଭାବ ଈଶ୍ୱରଙ୍କ ପ୍ରତିମୂର୍ତ୍ତିରେ ଧାର୍ମିକତା ଓ ସତ୍ୟର ପବିତ୍ରତାରେ ସୃଷ୍ଟି ହୋଇଅଛି, ତାହା ପରିଧାନ କରିବାକୁ ଶିକ୍ଷିତ ହୋଇଅଛ ।" (ଏଫିସୀ ୪:୨୪) । ପୁରାତନ ଜୀବନ, ପୁରାତନ ସ୍ୱଭାବ ପରିତ୍ୟାଗ କରି, ନୂତନ ସ୍ୱଭାବ ପରିଧାନ କରୁ । ଖ୍ରୀଷ୍ଟିୟାନମାନଙ୍କ ଅନ୍ୟ ଏକ ବସ୍ତ୍ର ହେଲା, "ନମ୍ରତା" । ପ୍ରେରିତ ପିତର କହନ୍ତି, "... ସମସ୍ତେ ପରସ୍ପର ପ୍ରତି ନମ୍ରତାରୂପ ବସ୍ତ୍ର

ପରିଧାନ କର...।" (୧ମ ପିତର ୫:୫) । ଖ୍ରୀଷ୍ଟିୟାନ ସ୍ତ୍ରୀମାନଙ୍କୁ ସେ କହନ୍ତି, "ହୃଦୟରେ ଯେଉଁ କୋମଳ ଓ ଶାନ୍ତିଯୁକ୍ତ ଗୁପ୍ତ ସ୍ୱଭାବ ଈଶ୍ୱରଙ୍କ ଦୃଷ୍ଟିରେ ବହୁମୂଲ୍ୟ ତାହାହିଁ ତୁମ୍ଭର ଅକ୍ଷୟ ଭୂଷଣ ହେଉ ।" (୧ମ ପିତର ୩:୪) ।

ରାଜା ଶଲୋମନଙ୍କ ରଚିତ କୀର୍ତ୍ତନରେ ସେ କହନ୍ତି, "ସଦାପ୍ରଭୁ ଯେବେ ଗୃହ ନିର୍ମାଣ ନ କରନ୍ତି, ତେବେ ନିର୍ମାଣକାରୀମାନେ ବ୍ୟର୍ଥରେ ପରିଶ୍ରମ କରନ୍ତି ।" (ଗୀତ ୧୨୭:୧) । ସଦାପ୍ରଭୁ ଆମ୍ଭମାନଙ୍କୁ ଚାରି ପ୍ରକାର ଗୃହ ପ୍ରଦାନ କରନ୍ତି । (୧) ଶରୀର (କିଅବା ତମ୍ବୁ), ଯେଉଁଠାରେ ଆମ୍ଭମାନଙ୍କ ଆତ୍ମା ବାସ କରେ । (୨) ଦ୍ୱିତୀୟରେ, ଆମ୍ଭମାନେ ନିବାସ କରୁଥିବା ପାର୍ଥିକ ଗୃହ । (୩) ତୃତୀୟରେ, ଆମ୍ଭମାନଙ୍କ ତୃତୀୟ ଗୃଦ ଆମ୍ଭମାନଙ୍କ ମଣ୍ଡଳୀ । ପ୍ରେରିତ ପାଉଲ ତୀମଥିଙ୍କୁ ଲେଖନ୍ତି, "ମାତ୍ର ଯେବେ ମୋହର ବିଳମ୍ବ ହୁଏ, ତେବେ ଈଶ୍ୱରଙ୍କ ଗୃହରେ, ଅର୍ଥାତ୍, ସତ୍ୟର ସ୍ତମ୍ଭ ଓ ଭିତ୍ତିମୂଳ ସ୍ୱରୂପ ଜୀବିତ ଈଶ୍ୱରଙ୍କ ମଣ୍ଡଳୀରେ କିପରି ଆଚରଣ କରିବାକୁ ହୁଏ, ତାହା ଯେପରି ଜ୍ଞାତ ହୁଏ, ଏହେତୁ ଏହି ସମସ୍ତ ତୁମ୍ଭ ନିକଟକୁ ଲେଖୁଅଛି ।" (୧ମ ତୀମଥି ୩:୧୫) । (୪) ଚତୁର୍ଥରେ, ଆମ୍ଭମାନଙ୍କ ନିମନ୍ତେ ସ୍ୱର୍ଗରେ ଗୃହ ନିର୍ମିତ ହେଉଅଛି । ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, "ତୁମ୍ଭମାନଙ୍କ ହୃଦୟ ଉଦ୍‌ବିଗ୍ନ ହେଉ, ତୁମ୍ଭେମାନେ ଈଶ୍ୱରଙ୍କଠାରେ ବିଶ୍ୱାସ କର ଓ ମୋ ଠାରେ ମଧ୍ୟ ବିଶ୍ୱାସ କର । ମୋହର ପିତାଙ୍କ ଗୃହରେ ଅନେକ ବାସସ୍ଥାନ ଅଛି, । ଯଦି ନ ଥାଆନ୍ତା, ତାହାହେଲେ ମୁଁ କହି ଥାଆନ୍ତି, ମୁଁ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ ପ୍ରସ୍ତୁତ କରିବାକୁ ଯାଉଅଛି । ପୁଣି ମୁଁ ଯାଇ ତୁମ୍ଭମାନଙ୍କ ନିମନ୍ତେ ସ୍ଥାନ କଲେ । ପୁନଃର୍ବାର ଆସିବି, ଆଉ ମୁଁ ଯେଉଁ ସ୍ଥାନରେ ଥାଏ, ତୁମ୍ଭେମାନେ ମଧ୍ୟ ଯେପରି ସେହି ସ୍ଥାନରେ ରହିବ, ସେଥି ନିମନ୍ତେ ତୁମ୍ଭମାନଙ୍କୁ ଆପଣା ନିକଟକୁ ଘେନିଯିବି ।" (ଯୋହନ ୧୪:୧-୩) । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "କାରଣ ଯଦି ଆମ୍ଭମାନଙ୍କର ଏହି ତମ୍ବୁରୂପ ପାର୍ଥିକ ଗୃହ ଭାଙ୍ଗିଯାଏ, ତେବେ ଈଶ୍ୱରଙ୍କକୃତ ଅହସ୍ତ ନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳ ସ୍ଥାୟୀ ଗୃହ ଯେ ସ୍ୱର୍ଗରେ ଅଛି, ଏହା ଆମ୍ଭେମାନେ ଜାଣୁ ।" ଯେଣୁ ଆମ୍ଭେମାନେ ତ ଆମ୍ଭମାନଙ୍କ ସ୍ୱର୍ଗୀୟ ଗୃହରୂପ ଗୃହରେ ପରିହିତ ହୋବାକୁ ଏକାନ୍ତ ଇଚ୍ଛା କରି ଏହି ଗୃହରେ ଥାଉ ଆର୍ତ୍ତନାଦ କରୁଅଛୁ । ସେହିପରି ପରିହିତ ହେଲେ ଆମ୍ଭେମାନେ ଉଲଗ୍ନ ଦେଖାଯିବା ନାହିଁ । କାରଣ ଆମ୍ଭେମାନେ ଏହି ତମ୍ବୁରେ ବାସ କରି ଭାରଗ୍ରସ୍ତ ହୋଇ ଆର୍ତ୍ତନାଦ କରୁଅଛୁ , ଯେଣୁ ଆମ୍ଭେମାନେ ଯେ ପରିଚ୍ଛଦତ୍ୟାଗ କରିବାକୁ ଇଚ୍ଛା କରୁ, ତାହା ନୁହେଁ ମାତ୍ର ଜୀବନ ଯେପରି ମର୍ତ୍ତ୍ୟକୁ ଗ୍ରାସ କରେ, ଏଥିନିମନ୍ତେ ଏହି ପରିଚ୍ଛଦ ଉପରେ ଅନ୍ୟ ବସ୍ତ୍ର ପରିଧାନ କରିବାକୁ ଆମ୍ଭେମାନେ ଇଚ୍ଛା କରୁଅଛୁ । ଆଉ ଯେ ଏଥିନିମନ୍ତେ ଆମ୍ଭମାନଙ୍କୁ ପ୍ରସ୍ତୁତ କରିଅଛନ୍ତି, ସେ ଈଶ୍ୱର, ସେ

ଆମ୍ଭମାନଙ୍କୁ ବଇନା ସ୍ୱରୂପେ ଆତ୍ମା ମଧ୍ୟ ଦାନ କରିଅଛନ୍ତି । ଅତଏବେ ଆମ୍ଭେମାନେ ସର୍ବଦା ଯେ ପ୍ରଭୁଙ୍କଠାରୁ ଦୂରରେ ପ୍ରବାସ କରୁଅଛୁ, ଏହା ଜାଣୁ । (୨ୟ କରିନ୍ଥୀ ୫:୧-୬) ।

ପ୍ରଥମପଦ :- "ତମ୍ଭୁରୂପ ପାର୍ଥିକ ଗୃହ ଭାଙ୍ଗିଯାଏ", ଅର୍ଥାତ୍ ଏହି ମର୍ତ୍ତ ଶରୀରର ମୃତ୍ୟୁ ପରେ, ଈଶ୍ୱରଙ୍କକୃତ ଅହସ୍ତ ନିର୍ମିତ ଆମ୍ଭମାନଙ୍କର ଏକ ଅନନ୍ତକାଳ ସ୍ଥାୟୀ ଗୃହ ସ୍ୱର୍ଗରେ ଅଛି । ଯୀଶୁ କହିଲେ, "ଯେଉଁଠାରେ କୀଟ ଓ କଳଙ୍କକ୍ଷୟ କରେ, ପୁଣି ଚୋରମାନେ ସିନ୍ଧି କାଟି ଚୋରି କରନ୍ତି, ଏପରି ପୃଥିବୀରେ ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ । ମାତ୍ର ଯେଉଁଠାରେ କୀଟ ଓ କଳଙ୍କକ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରି ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର ।" (ମାଥିଉ ୬:୧୯-୨୦) । ଏହି ପୃଥିବୀରେ ଆମ୍ଭମାନଙ୍କ ଜୀବନ ଦ୍ୱାରା ଆମ୍ଭମାନଙ୍କ କର୍ମ ଦ୍ୱାରା ଆପଣା ଆପଣା ନିମନ୍ତେ ସ୍ୱର୍ଗରେ ଗୃହ ନିର୍ମାଣ କରୁଅଛୁ । ପ୍ରେରିତ ପାଉଲ କରିନ୍ଥୀ ମଣ୍ଡଳୀକୁ ଲେଖନ୍ତି, "ମୋତେ ଈଶ୍ୱରଙ୍କ ଅନୁଗ୍ରହ ଅନୁସାରେ ମୁଁ ଜଣେ ବୃଦ୍ଧିମାନ ଗୃହ ନିର୍ମାଣକାରୀ ତୁଲ୍ୟ ଭିତ୍ତିମୂଳ ସ୍ଥାପନ କରିଅଛି,...., କିନ୍ତୁ ପ୍ରତ୍ୟେକ ଲୋକ ତାହା ଉପରେ କିପରି ନିର୍ମାଣ କରୁଅଛି, ସେ ସମ୍ବନ୍ଧରେ ସାବଧାନ ହେଉ ।... କିନ୍ତୁ ଯଦି କେହି ସେହି ଭିତ୍ତିମୂଳ ଉପରେ ସୁନା, ରୂପା, ବହୁମୂଲ୍ୟ ପଥର, କାଠ, ଘାସ ବା ଛଣ ଦେଇ ନିର୍ମାଣ କରେ । ତାହାହେଲେ ପ୍ରତ୍ୟେକ ଜଣର କର୍ମ କି ପ୍ରକାର, ତାହା ପ୍ରକାଶ ପାଇବ,....ଯେ ଯାହା ନିର୍ମାଣ କରିଅଛି, ତା'ର ସେହି କର୍ମ ଯଦି ରହିବ, ତେବେ ସେ ପୁରସ୍କାର ପାଇବ ।" (୧ମ କରିନ୍ଥୀ ୩:୧୦-୧୪) ।

ଆପଣ କିପରି ଖାଦ୍ୟ ଭୋଜନ କରୁଅଛନ୍ତି । "ଅଖାଦ୍ୟ ଦ୍ରବ୍ୟ ନିମନ୍ତେ ତୁମ୍ଭେମାନେ କାହିଁକି ରୂପା ବ୍ୟୟ କରୁଅଛ ? ଓ ଯାହା ତୃପ୍ତିକର ନୁହେଁ, ତହିଁପାଇଁ କାହିଁକି ତୁମ୍ଭେମାନେ ପରିଶ୍ରମ କରୁଅଛ ? ମନୋଯୋଗ କରି ଆମ୍ଭର କଥା ଶୁଣ ଓ ଉତ୍ତମ ଦ୍ରବ୍ୟ ଭୋଜନ କର ଓ ପୁଷ୍ଟିକର ଦ୍ରବ୍ୟରେ ତୁମ୍ଭମାନଙ୍କର ପ୍ରାଣକୁ ସନ୍ତୁଷ୍ଟ ହେବାକୁ ଦିଅ ।" (ଯିଶାଇୟ ୫୫:୨) । ବିଚାର ଦିନରେ ଉଲଙ୍ଗ ନ ଦେଖାଯିବା ନିମନ୍ତେ, ଆପଣ କି ଖ୍ରୀଷ୍ଟଙ୍କୁ ଧାରଣ କରିଅଛ ? ଏହି ଜୀବନଯାତ୍ରା ଶେଷରେ, ସଦାପ୍ରଭୁଙ୍କ ସହିତ ସଦାକାଳ ନିବାସ କରିବାକୁ ଆପଣ କିପରି ଗୃହ ନିର୍ମାଣ କରୁଅଛନ୍ତି ?

**- Kabita Gootam**

❋❋❋

**Edited & Published by : Kabita & Joshua Gootam**

***Printed Book Only***

From :

SATYAVAKKU
P.O. Box 80
Kakinada - 533001

To

(FOR PRIVATE CIRCULATION ONLY)

Edited & Published by Joshua Gootam Printed by him at Satya Vani Publication, Sambamurthy St., Kakinada - 533 004